# ପ୍ରତିଦିନ ପଢ଼ନ୍ତୁ

ଅନ୍ୟର ଛିଦ୍ର ଦେଖିବା ପୂର୍ବରୁ ନିଜର ଛିଦ୍ରକୁ ଖୋଜ । ଅନ୍ୟ କାହାକୁ ନିନ୍ଦା କରିବା ପୂର୍ବରୁ ନିଜ ଭିତରେ କୌଣସି ଦୁର୍ଗୁଣ ଅଛି କି ନାହିଁ ଦେଖ । ଯଦି ଥାଏ ତେବେ ତାହା ପ୍ରଥମେ ଦୂର କର । ଅନ୍ୟର ନିନ୍ଦା କରିବା ପାଇଁ ଯେତିକି ସମୟ ଦେଉଛ, ସେତିକି ସମୟ ନିଜର ଆତ୍ମୋତ୍କର୍ଷରେ ଲଗାଅ । ତା' ପରେ ତୁମେ ସ୍ୱୟଂ ଅନୁଭବ କରିବ ଯେ ପରନିନ୍ଦା ଯୋଗୁଁ ଉତ୍ପନ୍ନ ଦ୍ୱେଷକୁ ତ୍ୟାଗ କରି ତୁମେ ପରମାନନ୍ଦ ପ୍ରାପ୍ତି ଦିଗରେ ଅଗ୍ରସର ହେଉଛ ।

ସଂସାରକୁ ଜୟ କରିବାର ଇଚ୍ଛା ପୋଷଣ କରୁଥିବା ହେ ମନୁଷ୍ୟଗଣ ! ପ୍ରଥମେ ନିଜକୁ ଜୟ କରିବାକୁ ଚେଷ୍ଟା କର । ଏପରି କରିପାରିଲେ ଦିନେ ତୁମର ବିଶ୍ୱ ବିଜେତା ହେବାର ସ୍ୱପ୍ନ ସାକାର ହୋଇପାରିବ । ତୁମେ ଜିତେନ୍ଦ୍ରିୟ ରୂପେ ସଂସାରର ସମସ୍ତ ପ୍ରାଣୀକୁ ନିଜ ଇସାରାରେ ଚଳାଇ ପାରିବ । ସଂସାରର କୌଣସି ଜୀବ ତୁମର ବିରୋଧୀ ହୋଇ ରହିବେ ନାହିଁ ।



(ତାରିଖ-୧)

# ଆଧ୍ୟାତ୍ମିକ ଚିନ୍ତନ ଅନିବାର୍ଯ୍ୟ

ଯେଉଁ ଲୋକମାନେ ଆଧ୍ୟାତ୍ମିକ ଚିନ୍ତନ ପ୍ରତି ବିମୁଖ ହୋଇ କେବଳ ଲୋକୋପକାର କାର୍ଯ୍ୟରେ ଲାଗି ରହନ୍ତି, ସେମାନେ ନିଜର ସଫଳତା ଅଥବା ସଦ୍‌ଗୁଣରେ ମୋହିତ ହୋଇଯା'ନ୍ତି । ସେମାନେ ନିଜେ ନିଜକୁ ଲୋକସେବକ ରୂପରେ ଦେଖିବାକୁ ଲାଗନ୍ତି । ଏପରି ଅବସ୍ଥାରେ ସେମାନେ ଆଶା କରନ୍ତି ଯେ ସବୁ ଲୋକ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରନ୍ତୁ, ତାଙ୍କ କଥା ମାନନ୍ତୁ । ଏହି ଅଭିମାନ ବଢ଼ିବା ଯୋଗୁଁ ସେମାନେ ଅନେକ ଲୋକଙ୍କର ଶତ୍ରୁ ହୋଇ ଯାଆନ୍ତି । ଏହାଦ୍ୱାରା ସେମାନଙ୍କର ଲୋକସେବା ସେମାନଙ୍କୁ ବାସ୍ତବିକ ଲୋକସେବକ ନକରି ଲୋକ ବିନାଶକାରୀ ରୂପ ଧାରଣ କରାଇ ଦିଏ ।

ଆଧ୍ୟାତ୍ମିକ ଚିନ୍ତନ ବିନା ମନୁଷ୍ୟ ମଧ୍ୟରେ ବିନୀତ ଭାବ ଉତ୍ପନ୍ନ ହୁଏ ନାହିଁ ଏବଂ ନିଜକୁ ନିଜେ ସୁଧାରିବାର କ୍ଷମତା ରହେ ନାହିଁ । ସେ ଭୁଲ ପରେ ଭୁଲ କରିଚାଲେ ଏବଂ ଏହିପରି ନିଜର ଜୀବନକୁ ହନ୍ତସନ୍ତ କରିଦିଏ ।

(ତାରିଖ– ୨)

## ପ୍ରତ୍ୟେକ ମନୁଷ୍ୟକୁ ପ୍ରେମ କର

ଆମେ ଯେଉଁ ଭାରତୀୟ ସଂସ୍କୃତି, ଭାରତୀୟ ବିଚାରଧାରାର ପ୍ରଚାର କରିବାକୁ ଇଚ୍ଛା କରୁଛେ, ତଦ୍ୱାରା ଆପଣଙ୍କର ସମସ୍ତ କଷ୍ଟର ନିବାରଣ ହୋଇପାରିବ । ରାଜନୈତିକ ଶକ୍ତି ଦ୍ୱାରା ଆପଣଙ୍କର ଅଧିକାର ରକ୍ଷା ହୋଇପାରେ । କିନ୍ତୁ ଯେଉଁ ସ୍ଥାନରୁ ଆମର ସୁଖ–ଦୁଃଖର ଉତ୍ପତ୍ତି ହୋଇଥାଏ, ରାଜନୈତିକ ଶକ୍ତି ତା'ର ନିୟନ୍ତ୍ରଣ କରି ନ ପାରେ । ଏହି କାର୍ଯ୍ୟ ଆଧ୍ୟାତ୍ମିକ ଉନ୍ନତି ଦ୍ୱାରା ହିଁ ସମ୍ପନ୍ନ ହୋଇପାରିବ ।

ମନୁଷ୍ୟକୁ ମନୁଷ୍ୟ ରୂପେ ନିର୍ମାଣ କରିବାର ବାସ୍ତବିକ ଶକ୍ତି ଭାରତୀୟ ସଂସ୍କୃତିରେ ହିଁ ରହିଛି । ଏହି ସଂସ୍କୃତି ଆମକୁ ଶିକ୍ଷା ଦିଏ ଯେ ମନୁଷ୍ୟ ମନୁଷ୍ୟକୁ ପ୍ରେମ କରିବା ପାଇଁ ଜନ୍ମ ନେଇଛି, ଲଢ଼ି ମରିବା ପାଇଁ ନୁହେଁ । ଯଦି ଆମର ସମସ୍ତ କାର୍ଯ୍ୟକ୍ରମ ଠିକ୍ ଢଙ୍ଗରେ ଚାଲେ ତେବେ ଭାରତୀୟ ସଂସ୍କୃତିର ସୂର୍ଯ୍ୟୋଦୟ ଅବଶ୍ୟମ୍ଭାବୀ ।



(ତାରିଖ– ୩)

## ଅନ୍ତରାତ୍ମାର ସାହାଯ୍ୟ ନିଅ

ଯଦି ତୁମେ ଶାନ୍ତି, ସାମର୍ଥ୍ୟ ଓ ଶକ୍ତି ଚାହୁଁଥାଅ, ତେବେ ନିଜ ଅନ୍ତରାତ୍ମାର ସାହାଯ୍ୟ ନିଅ । ତୁମେ ସମଗ୍ର ସଂସାରକୁ ଧୋକା ଦେଇପାର, କିନ୍ତୁ ନିଜ ଆତ୍ମାକୁ କିଏ ଧୋକା ଦେଇପାରେ ! ଯଦି ପ୍ରତ୍ୟେକ କାର୍ଯ୍ୟରେ ତୁମେ ଅନ୍ତରାତ୍ମାର ସମ୍ମତି ନିଅ, ତେବେ ବିବେକ ପଥ ନଷ୍ଟ ହେବ ନାହିଁ । ସମଗ୍ର ଦୁନିଆର ବିରୋଧ ସତ୍ତ୍ୱେ ତୁମେ ନିଜ ଅନ୍ତରାତ୍ମାର ନିର୍ଦ୍ଦେଶ ମାନି ଚଳିଲେ କେହି ତୁମର ସଫଳତା ପ୍ରାପ୍ତିରେ ବାଧା ଉତ୍ପନ୍ନ କରିପାରିବେ ନାହିଁ ।

ଯେତେବେଳେ କୌଣସି ମନୁଷ୍ୟ ନିଜକୁ ନିଜେ ଅଦ୍ୱିତୀୟ ବ୍ୟକ୍ତି ଏବଂ ଶ୍ରେଷ୍ଠ ଚରିତ୍ରସମ୍ପନ୍ନ ମନେ କରେ, ସେତେବେଳେ ତା'ର ଆଧ୍ୟାତ୍ମିକ ପତନ ହୋଇଥାଏ ।

(ତାରିଖ– ୪)

## ଜୀବନକୁ ଯଜ୍ଞମୟ କର

ମନ ଭିତରେ ସମସ୍ତଙ୍କ ପାଇଁ ସଦ୍‌ଭାବନା ରଖିବା, ସଂଯମପୂର୍ଣ୍ଣ ସଚ୍ଚରିତ୍ରତାର ସହିତ ସମୟ ବିତାଇବା, ଅନ୍ୟର ହିତ ପାଇଁ ଯତ୍ନଶୀଳ ହେବା, କେବଳ ସତ୍‌ପ୍ରୟୋଜନ ସକାଶେ ବାଣୀର ଉପଯୋଗ କରିବା, ନ୍ୟାୟପୂର୍ଣ୍ଣ ରୋଜଗାର କରି ଗୁଜୁରାଣ ମେଣ୍ଟାଇବା, ଭଗବାନଙ୍କୁ ସ୍ମରଣ କରିବା, ନିଜ କର୍ତ୍ତବ୍ୟ ପଥରେ ଆରୂଢ଼ ହେବା, ଅନୁକୂଳ–ପ୍ରତିକୂଳ ପରିସ୍ଥିତିରେ ବିଚଳିତ ନ ହେବା ଆଦି ନିୟମଗୁଡ଼ିକୁ ପାଳନ କରିବା ଦ୍ୱାରା ଜୀବନ ଯଜ୍ଞମୟ ହୋଇଯାଏ । ମନୁଷ୍ୟ ଜୀବନକୁ ସଫଳ କରାଇବାରେ ହିଁ ପ୍ରକୃତ ଦୂରଦର୍ଶିତା ଓ ବୁଦ୍ଧିମତ୍ତା ନିହିତ ।

ଆମ ଭିତରେ ଅହଂକାର ଭାବନା ଥିବା ପର୍ଯ୍ୟନ୍ତ ତ୍ୟାଗ ଭାବନା ଉଦୟ ହେବା କଷ୍ଟକର ।



(ତାରିଖ– ୫)

## ହସନ୍ତୁ ; ହସାନ୍ତୁ

ଜାଗ ! ଉଠ ! ଅଟକ ନାହିଁ !!! ଲକ୍ଷ୍ୟ ପ୍ରାପ୍ତି ନ ହେବା ପର୍ଯ୍ୟନ୍ତ ଚାଲୁଥାଅ । ଅନ୍ୟ କେହି ଆମର ଖରାପ କରେ କିମ୍ବା ନିନ୍ଦା କରେ, ଉଦ୍‌ବେଗଜନକ କଥା କହେ, ତେବେ ତାହାକୁ ସହ୍ୟକରି ପ୍ରତ୍ୟୁତ୍ତର ନ ଦେବା ଦ୍ୱାରା ଶତ୍ରୁତା ବଢ଼ି ନ ଥାଏ । ନିଜ ମନକୁ ବୁଝାଇବା ଉଚିତ ଯେ ସବୁଠାରୁ ଭଲ ଉତ୍ତର ହେଲା ମୌନ । ଯିଏ ନିଜ କର୍ତ୍ତବ୍ୟ କର୍ମରେ ମଗ୍ନ ରହେ ଏବଂ ଅନ୍ୟମାନଙ୍କ ଅବଗୁଣ ଖୋଜେ ନାହିଁ, ତାହାକୁ ଆନ୍ତରିକ ପ୍ରସନ୍ନତା ମିଳିଥାଏ ।

ଜୀବନରେ ଉତ୍‌ଥାନ ପତନ ଆସିଥାଏ ।

ହସ ଏବଂ ପ୍ରସନ୍ନ ରହ ।

ମୁଖ ଥାଇ ନ ହସିଲେ କି ଲାଭ ।

ନିଜର ମାନସିକ ଶକ୍ତିକୁ ସ୍ଥିର ରଖିବାକୁ ଚାହୁଁଥିବା ବ୍ୟକ୍ତି ଅନ୍ୟମାନଙ୍କ ସମାଲୋଚନା ଶୁଣି ବିରକ୍ତି ହେବା ଅନୁଚିତ ।

(ତାରିଖ– ୬)

## ଆତ୍ମସମର୍ପଣ କର

ଏ ସଂସାରରେ ଅନେକ କଠିନତା ରହିଛି, ଯେଉଁଗୁଡ଼ିକର ସମ୍ମୁଖୀନ ହେବା ଓ ସହ୍ୟ କରିବାର କଳା ତୁମକୁ ଶିଖିବାକୁ ପଡ଼ିବ । ଏସବୁ ପୂର୍ବ କର୍ମର ଫଳସ୍ୱରୂପ ତୁମକୁ ଅଜେୟ ପ୍ରତୀତ ହୋଇଥାଏ । ଯେଉଁଠି କୌଣସି କାର୍ଯ୍ୟରେ ଭୟ, ବିଭ୍ରାନ୍ତି ଓ ନିରାଶା ରହିଛି, ସେଠାରେ ଅତି ପ୍ରବଳ ଶକ୍ତି ମଧ ରହିଛି । ନିଜ କାର୍ଯ୍ୟ କରିସାରିବା ପରେ ଆଉ ଗୋଟିଏ କାର୍ଯ୍ୟ ହାତକୁ ନିଅ । କର୍ମଫଳକୁ ସମୟର ସ୍ରୋତରେ ପ୍ରବାହିତ ହେବାକୁ ଦିଅ ।

ନିଜ ଶକ୍ତି ଅନୁଯାୟୀ କାର୍ଯ୍ୟ କର ଏବଂ ତା'ପରେ ଆତ୍ମସମର୍ପଣ କର । କୌଣସି ଘଟଣାରେ ମଧ ହତୋତ୍ସାହିତ ହୁଅ ନାହିଁ । ତୁମର ନିଜର କର୍ମ ଉପରେ ଅଧିକାର ଥାଇ ପାରେ । ଅନ୍ୟମାନଙ୍କ କର୍ମ ଉପରେ ନୁହେଁ । ସମାଲୋଚନା କର ନାହିଁ, ଆଶା କର ନାହିଁ, ଭୟ କର ନାହିଁ, ସବୁକିଛି ଭଲ ହେବ । ଅନୁଭବ ଆସେ ଓ ଯାଏ । ଖିନ୍ନ ହୁଅ ନାହିଁ । ତୁମେ ଦୃଢ଼ ଭିତ୍ତି ଉପରେ ଠିଆ ହୋଇଛ ।



(ତାରିଖ– ୭)

## ମାର୍ଗଦର୍ଶନ ପାଇଁ ନିଜକୁ ଦେଖ

ଆତ୍ମସାକ୍ଷାତ୍କାର କରିଥିବା ସମ୍ପନ୍ନ ପୁରୁଷ ଅନ୍ୟକୁ ଦୋଷ ଦିଏ ନାହିଁ । ସେ ଅଧିକ ଶକ୍ତିମାନ୍ ହୋଇଥିବା ସତ୍ତ୍ୱେ ସ୍ଥିତିର ଅବହେଳା କରେ ନାହିଁ । ପାଗଳ କୁକୁର ପ୍ରତି ଯେତିକି ସାବଧାନ ରୁହ, ସେତିକି ଅହଂକାର ପ୍ରତି ରୁହ । ଯେପରି ତୁମେ ବିଷ କିମ୍ବା ବିଷଧର ସାପକୁ ଛୁଅଁ ନାହିଁ, ସେହି ପ୍ରକାର ସିଦ୍ଧିଠାରୁ ଦୂରେଇ ରୁହ ଏବଂ ଏହାର ପ୍ରତିବାଦ କରୁଥିବା ଲୋକଙ୍କଠାରୁ ମଧ । ନିଜ ମନ ଓ ହୃଦୟର ସମ୍ପୂର୍ଣ୍ଣ କ୍ରିୟାଗୁଡ଼ିକୁ ଈଶ୍ୱରଙ୍କ ପ୍ରତି ସମର୍ପଣ କର ।

ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବା ତୁମକୁ ଅତ୍ୟଧିକ ଅସହାୟ ଓ ଦୁଃଖୀ କରିବ । ମାର୍ଗଦର୍ଶନ ପାଇଁ ନିଜ ଆଡ଼କୁ ଦେଖ । ଦୁସୁରା ଆଡ଼କୁ ନୁହେଁ । ତୁମର ସତ୍ୟତା ତୁମକୁ ଦୃଢ଼ କରିଦେବ । ତୁମକୁ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଇ ଦେବ ।

(ତାରିଖ- ୮)

## ନିଜେ ନିଜର ସମାଲୋଚନା କର

ଯାହା କିଛି ହେଉଛି, ହେବାକୁ ଦିଅ । ତୁମ ବିଷୟରେ ଯାହା କୁହାଯାଉଛି, ତାହାକୁ କହିବାକୁ ଦିଅ । ତୁମକୁ ଏହି କଥା ସବୁ ମୃଗତୃଷ୍ଣାର ଜଳ ଭଳି ଅସାର ଲାଗିବା ଉଚିତ । ଯଦି ତୁମେ ପ୍ରକୃତରେ ସଂସାର ତ୍ୟାଗ କରିଛ, ତେବେ ଏହି କଥାଗୁଡ଼ିକ ତୁମକୁ କଷ୍ଟ ଦେଇପାରିବ କିପରି । ତୁମେ ନିଜର ସମାଲୋଚନା କରିବାରେ ତିଳେ ହେଲେ କୁଣ୍ଠାବୋଧ କର ନାହିଁ, ତେବେ ଯାଇ ବାସ୍ତବିକ ଉନ୍ନତି ହୋଇପାରିବ ।

ପ୍ରତ୍ୟେକ ମୁହୂର୍ତ୍ତ ଏବଂ ସୁଯୋଗର ଲାଭ ଉଠାଅ । ପଥ ବହୁତ ଲମ୍ୱା । ସମୟ ତୀବ୍ର ବେଗରେ ଚାଲିଯାଉଛି । ନିଜର ସମ୍ପୂର୍ଣ୍ଣ ଆତ୍ମବଳ ସହିତ କାର୍ଯ୍ୟରେ ଲାଗିଯାଅ, ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିଯିବ ।

କୌଣସି କଥା ପାଇଁ ନିଜକୁ କ୍ଷୁବ୍ଧ କର ନାହିଁ । ମନୁଷ୍ୟକୁ ନୁହେଁ, ଈଶ୍ୱରଙ୍କୁ ବିଶ୍ୱାସ କର । ସେ ତୁମକୁ ରାସ୍ତା ଦେଖାଇବେ ଏବଂ ସତ୍‌ମାର୍ଗ ବତାଇବେ ।



(ତାରିଖ- ୯)

## ନମ୍ରତା, ସରଳତା, ସାଧୁତା ଓ ସହିଷ୍ଣୁତା

ସହିଷ୍ଣୁତାର ଅଭ୍ୟାସ କର । ନିଜର ଦାୟିତ୍ୱକୁ ବୁଝ । କାହାରି ଦୋଷ ଦେଖି କିଛି ଟିପ୍‌ପଣୀ କରିବା ପୂର୍ବରୁ ନିଜର ବଡ଼ ଦୋଷଗୁଡ଼ିକୁ ଅନ୍ୱେଷଣ କର । ଯଦି ନିଜର ବାଣୀକୁ ନିୟନ୍ତ୍ରଣ କରିପାରୁ ନାହଁ, ତେବେ ତାକୁ ଅନ୍ୟମାନଙ୍କର ପ୍ରତିକୂଳ ନୁହେଁ, ବରଂ ନିଜର ପ୍ରତିକୂଳରେ ଉପଯୋଗ କରିବାକୁ ଦିଅ ।

ସର୍ବପ୍ରଥମେ ନିଜ ଘରକୁ ନିୟମିତ କର, କାରଣ ଆଚରଣ ବିନା ଆତ୍ମାନୁଭବ ହୋଇ ନ ପାରେ । ନମ୍ରତା, ସରଳତା, ସାଧୁତା, ସହିଷ୍ଣୁତା ଇତ୍ୟାଦି ଆତ୍ମାନୁଭବର ପ୍ରଧାନ ଅଙ୍ଗ ।

ଅନ୍ୟମାନେ ତୁମ ପ୍ରତି କ'ଣ ବ୍ୟବହାର କରୁଛନ୍ତି, ତାହା ଚିନ୍ତା କର ନାହିଁ । ଆତ୍ମୋନ୍ନତିରେ ତତ୍ପର ହୁଅ । ଏହି ତଥ୍ୟକୁ ବୁଝିପାରିଲେ ଏକ ବଡ଼ ରହସ୍ୟକୁ ଜାଣି ପାରିବ ।

(ତାରିଖ– ୧୦)

## ଅନ୍ତଃକରଣର ଧନକୁ ଖୋଜ

ମନକୁ ସର୍ବଦା କାର୍ଯ୍ୟରେ ଲଗାଇ ରଖ । ତାକୁ ବେକାର ରଖ ନାହିଁ । ଗମ୍ଭୀରତାପୂର୍ବକ ଜୀବନ ବିତାଅ । ତୁମ ସମ୍ମୁଖରେ ଆତ୍ମୋନ୍ନତିର ମହାନ୍ କାର୍ଯ୍ୟ ରହିଛି ଏବଂ ତୁମ ପାଖରେ ବହୁତ କମ୍ ସମୟ ଅଛି । ଯଦି ଅସାବଧାନ ହୋଇ ନିଜକୁ ହଜାଇ ଦେବ, ତେବେ ତୁମକୁ ଶୋକ କରିବାକୁ ପଡ଼ିବ ଏବଂ ଏହାଠାରୁ ଖରାପ ସ୍ଥିତିର ସମ୍ମୁଖୀନ ହେବ ।

ଧୈର୍ଯ୍ୟ ଓ ଆଶା ରଖିଲେ ଶୀଘ୍ର ତୁମ ଭିତରେ ଜୀବନର ସମସ୍ତ ସ୍ଥିତିକୁ ସମ୍ମୁଖୀନ ହେବାର ଯୋଗ୍ୟତା ବିକଶିତ ହୋଇଯିବ । ନିଜ ବଳରେ ଠିଆ ହୁଅ । ଆବଶ୍ୟକ ହେଲେ ସମସ୍ତ ସଂସାରକୁ ଆହ୍ୱାନ ଦିଅ । ପରିଣାମ ସ୍ୱରୂପ ତୁମର କ୍ଷତି ହେବ ନାହିଁ । ତୁମେ ସବୁବେଳେ ମହାନ୍ ଭାବି ସନ୍ତୁଷ୍ଟ ରହ । ଅନ୍ୟମାନେ ଭୌତିକ ଧନ ଖୋଜୁଛନ୍ତି ଏବଂ ତୁମେ ଅନ୍ତଃକରଣର ଧନକୁ ଖୋଜ ।



(ତାରିଖ– ୧୧)

## ଏକାକୀ ଚାଲ

ମହାନ୍ ବ୍ୟକ୍ତି ସର୍ବଦା ଏକାକୀ ଚାଲନ୍ତି । ନିଃସଂଗତା କାରଣରୁ ବହୁତ ଦୂର ପର୍ଯ୍ୟନ୍ତ ଚାଲି ପାରନ୍ତି । ଏକୁଟିଆ ବ୍ୟକ୍ତିମାନେ ନିଜ ଦ୍ୱାରା ହିଁ ସଂସାରର ମହାନତମ କାର୍ଯ୍ୟ ସମ୍ପନ୍ନ କରିଛନ୍ତି । ସେମାନଙ୍କୁ ଏକମାତ୍ର ନିଜସ୍ୱ ପ୍ରେରଣା ପ୍ରାପ୍ତ ହୋଇଛି । ସେମାନେ ସର୍ବଦା ନିଜସ୍ୱ ଆନ୍ତରିକ ସୁଖ ଦ୍ୱାରା ସଦାବେଳେ ପ୍ରଫୁଲ୍ଲିତ ରହିଛନ୍ତି । ଅନ୍ୟ ଦ୍ୱାରା ନିଜର ଦୁଃଖ ଦୂର କରିବାର ଆଶା କେବେ ରଖି ନାହାନ୍ତି । ନିଜ ବୃତ୍ତିଗୁଡ଼ିକ ଉପରେ ସେମାନେ ଭରସା ରଖିଥାନ୍ତି ।

ଏକାକିତା ଜୀବନର ପରମ ସତ୍ୟ । କିନ୍ତୁ ଏକାକିତା କାରଣରୁ ବିଭ୍ରାନ୍ତ ହେବା, ମନ ମାରିବା, କର୍ତ୍ତବ୍ୟ ପଥରେ ହତୋତ୍ସାହିତ ବା ନିରାଶ ହେବା ସବୁଠାରୁ ବଡ଼ ପାପ । ଏକାକିତା ତୁମ ନିଜର ଆନ୍ତରିକ ପ୍ରଦେଶରେ ଲୁଚି ରହିଥିବା ଶକ୍ତିଗଡ଼ିକୁ ବିକଶିତ କରିବାର ସାଧନ ଅଟେ । ନିଜ ଉପରେ ଆଶ୍ରିତ ରହିବା ଦ୍ୱାରା ତୁମେ ନିଜର ଉଚ୍ଚତମ ଶକ୍ତିଗୁଡ଼ିକୁ ଖୋଜି ବାହାର କରିପାରିବ ।

(ତାରିଖ- ୧୨)

## ଅନ୍ୟ ଉପରେ ନିର୍ଭର କର ନାହିଁ

ଯେଉଁଦିନ ତୁମକୁ ନିଜର ହାତ-ଗୋଡ଼ ଓ ହୃଦୟ ଉପରେ ଭରସା ହୋଇଯିବ, ସେହିଦିନ ତୁମ ଅନ୍ତରାତ୍ମା କହିବ 'ବାଧାଗୁଡ଼ିକୁ ପଦଦଳିତ କରି ତୁ ଏକୁଟିଆ ଚାଲ, ଏକୁଟିଆ ଚାଲ ।'

ଯେଉଁ ବ୍ୟକ୍ତିଙ୍କ ଉପରେ ତୁମେ ଆଶାର ବିଶାଳ ମହଲ ନିର୍ମାଣ କରିଛ, ତାହା କଳ୍ପନା ଆକାଶରେ ବିହାର କରିବା ସହିତ ସମାନ । ତାହା ଅସ୍ଥିର, ଅନ୍ତଃସାର ହୀନ । ଏହି ଆଶାକୁ ଅନ୍ୟ ସହିତ ସଂଶ୍ଳିଷ୍ଟ କରିଦେବା ଅର୍ଥାତ୍ ସ୍ୱୟଂ ନିଜର ମୌଳିକତାକୁ ହ୍ରାସ କରି ନିଜର ସାହସକୁ ପଂଗୁ କରି ଦେବା । ଯେଉଁ ବ୍ୟକ୍ତି ଅନ୍ୟର ସାହାଯ୍ୟରେ ଜୀବନ ଯାତ୍ରା କରିଥାଏ, ସେ ଶୀଘ୍ର ଏକାକୀ ରହିଯାଏ ।

ଅନ୍ୟମାନଙ୍କୁ ନିଜ ଜୀବନର ସଂଚାଳକ କରିବା ଅର୍ଥାତ୍ ନିଜର ନୌକାର ଲଙ୍ଗର ଖୋଲି ଅନ୍ତିମ ପରିଣାମ ଜାଣି ନ ଥିବା ଜଳପ୍ରବାହରେ ମେଲାଇ ଦେବା ସହିତ ସମାନ ।



(ତାରିଖ- ୧୩)

## ପ୍ରେମ ଏକ ମହାନ୍ ଶକ୍ତି

ପ୍ରେମ ଏପରି ଏକ ମହାନ୍ ଶକ୍ତି ଯାହା ପ୍ରତ୍ୟେକ ଦିଗରେ ଜୀବନକୁ ଅଗ୍ରଗାମୀ କରାଇବାରେ ସହାୟକ ହୋଇଥାଏ । ପ୍ରେମ ବିନା କାହାରି ବିଚାର ପରିବର୍ତ୍ତନ କରାଯାଇ ନ ପାରେ । ବିଚାର ତର୍କ ବିତର୍କର ସୃଷ୍ଟି ନୁହେଁ । ବିଚାରଣା ତଥା ବିଶ୍ୱାସ ଦୀର୍ଘ ଦିନର ସତ୍‌ସଂଗ ଦ୍ୱାରା ଗଠିତ ହୋଇଥାଏ । ଅଧିକ ସମୟର ସଂଗତିର ପରିଣାମ ହିଁ ପ୍ରେମ । ତେଣୁ ବିଚାର ଧାରଣା ଅଥବା ବିଶ୍ୱାସ ପ୍ରେମର ବିଷୟ ଅଟେ ।

ଯଦି ଆମେ ଅନ୍ୟ ଉପରେ ବିଜୟ ଲାଭ କରି ସେମାନଙ୍କୁ ନିଜ ବିଚାରଧାରାରେ ପ୍ରବାହିତ ହେବାକୁ ଚାହୁଁଥାଉ, ସେମାନଙ୍କ ଦୃଷ୍ଟିକୋଣ ପରିବର୍ତ୍ତନ କରି ସେମାନଙ୍କ ଉପରେ ନିଜର କଥା ଆରୋପଣ କରିବାକୁ ଚାହୁଁଥାଉ, ତେବେ ପ୍ରେମର ସାହାଯ୍ୟ ନେବା ଉଚିତ । ତର୍କ ଓ ବୁଦ୍ଧି ଆମକୁ ଅଗ୍ରଗାମୀ କରାଇ ପାରିବ ନାହିଁ । ବିଶ୍ୱାସ କରନ୍ତୁ, ତୁମର ପ୍ରେମ ଓ ସହାନୁଭୂତିପୂର୍ଣ୍ଣ ସମସ୍ତ କଥା ଶୁଣିବା ପାଇଁ ଦୁନିଆ ବାଧ୍ୟ ହେବ ।

(ତାରିଖ– ୧୪)

## ଅସଫଳତାର କାରଣ

ଆମେ ଅନ୍ୟମାନଙ୍କୁ ନିଜ ପରି ବିଶ୍ୱାସ, ମତ, ସ୍ୱଭାବ ଓ ନିୟମ ଅନୁଯାୟୀ କାର୍ଯ୍ୟ କରିବା ଏବଂ ଜୀବନ ବିତାଇବା ସକାଶେ ବଳପୂର୍ବକ ବାଧ କରିଥାଉ । ବଳପୂର୍ବକ ସୁଧାରିବା, ନିଜର ବିଚାର ବା ଦୃଷ୍ଟିକୋଣକୁ ଜବରଦସ୍ତ ଲଦି ଦେବା ଦ୍ୱାରା ଅନ୍ୟମାନଙ୍କୁ ସୁଧାରି ହୁଏ ନାହିଁ କି ତୁମର ମନ ପ୍ରସନ୍ନ ହୁଏ ନାହିଁ ।

ଯଦି ଆମେ ଅମୁକ ବ୍ୟକ୍ତିକୁ ଦବାଇ ରଖିବା, ତେବେ ପରୋକ୍ଷ ରୂପେ ଅବଶ୍ୟ ଆମର ଉନ୍ନତି ହୋଇପାରେ । ବ୍ୟକ୍ତି ଆମର ଉନ୍ନତିରେ ପ୍ରତିବନ୍ଧକ , ଅମୁକ ଆମର ଚୁଗୁଲି କରୁଛି, ଦୋଷ ବାହାର କରୁଛି, ମାନହାନି କରୁଛି । ଏଣୁ ଆମେ ନିଜର ଉନ୍ନତି ନ ଦେଖି ପ୍ରଥମେ ଆମ ପ୍ରତିପକ୍ଷକୁ ଅଟକାଇ ରଖିବା ଉଚିତ । ଏପରି ଚିନ୍ତା କରିବା ଏବଂ ଅନ୍ୟମାନଙ୍କୁ ନିଜ ଅସଫଳତାର କାରଣ ମାନିବା, ଭ୍ରମମୂଳକ ।



(ତାରିଖ– ୧୫)

## ଦୁଃଖଦ ସ୍ମୃତିଗୁଡ଼ିକୁ ଭୁଲିଯାଅ

ମନ ଭିତରେ ପୁରୁଣା ଦୁଃଖଦ ସ୍ମୃତି ଜାଗ୍ରତ ହେଲେ ସେଗୁଡ଼ିକୁ ଭୁଲିଯିବା ହିଁ ଶ୍ରେୟସ୍କର । ଅପ୍ରିୟ ଘଟଣାକୁ ଭୁଲିଯିବା ଦରକାର । ଉତ୍ତମ କଥାକୁ ସ୍ମରଣ କରିବା ଯେତିକି ଆବଶ୍ୟକ, ଭୁଲିବା ମଧ୍ୟ ସେତିକି ଜରୁରୀ । ଯଦି ତୁମେ ଶରୀର, ମନ ଓ ଆଚରଣରେ ସୁସ୍ଥ ହେବାକୁ ଚାହୁଁଥାଅ, ତେବେ ଅସୁସ୍ଥତାର ସବୁ କଥା ଭୁଲିଯାଅ ।

ମନେକର ତୁମର 'ଆପଣା'ର କେହି ତୁମକୁ ଆଘାତ ଦେଇଛି, ତୁମ ହୃଦୟକୁ ଦୁଃଖିତ କରିଛି, ତେବେ ତାକୁ ନେଇ ତୁମେ କ'ଣ ନିରନ୍ତର ମାନସିକ ଚିନ୍ତାରେ ବୁଡ଼ିରହିବ ! ଆରେ ଭାଇ ! ସେହି କଷ୍ଟକାରକ ଅପ୍ରିୟ ପ୍ରସଙ୍ଗଗୁଡ଼ିକୁ ଭୁଲିଯାଅ । ସେଥିପ୍ରତି ଧ୍ୟାନ ନ ଦେଇ ମନକୁ ସର୍ବଦା ଉତ୍ତମ ଶୁଭ କର୍ମରେ କେନ୍ଦ୍ରୀଭୂତ କର ।

ଚିନ୍ତାରୁ ମୁକ୍ତି ପାଇବାର ସର୍ବୋତ୍ତମ ଉପାୟ ହେଉଛି ଦୁଃଖକୁ ଭୁଲିଯିବା ।

(ତାରିଖ– ୧୬)

## ସୁଖ–ଦୁଃଖ ଉପରେ ସ୍ୱାମିତ୍ୱ

ତୁମେ ସୁଖ, ଦୁଃଖର ଅଧୀନତା ପରିତ୍ୟାଗ କରି ତା' ଉପରେ ନିଜର ସ୍ୱାମିତ୍ୱ ସ୍ଥାପନ କର ଏବଂ ସେଥିରୁ ଯାହା କିଛି ଉତ୍ତମ ମିଳିବ ତାକୁ ନେଇ ନିଜ ଜୀବନକୁ ନିତ୍ୟ, ନୂତନ, ରସଯୁକ୍ତ କର । ଜୀବନକୁ ଉନ୍ନତ କରାଇବା ହିଁ ମନୁଷ୍ୟର କର୍ତ୍ତବ୍ୟ । ତେଣୁ ତୁମେ ଯାହା ଉଚିତ ବୋଲି ବିଚାର କରୁଛ ସେହି ମାର୍ଗ ଗ୍ରହଣ କରି ଏହି କର୍ତ୍ତବ୍ୟକୁ ସିଦ୍ଧ କର ।

ପ୍ରତିକୂଳତାକୁ ଭୟ ନ କରି ଅନୁକୂଳତାକୁ ସର୍ବସ୍ୱ ମାନିନେଲେ ତୁମେ ସବୁକିଛି କରିପାରିବ । ଯାହା ମିଳୁଛି ସେଥିରୁ ଶିକ୍ଷା ଲାଭ କରି ଜୀବନକୁ ଉଚ୍ଚ କର । ଏହି ଜୀବନ ଯେତିକି ମାତ୍ରାରେ ଉପରକୁ ଉଠିବ, ସେତିକି ମାତ୍ରାରେ ଆଜି ଯାହା ତୁମକୁ ପ୍ରତିକୂଳ ପ୍ରତୀତ ହେଉଛି ସେସବୁ ଅନୁକୂଳ ଦେଖାଯିବ ଏବଂ ଅନୁକୂଳତା ଆସିଯିବା ପରେ ଦୁଃଖ ନିବୃତ୍ତି ହୋଇଯିବ ।



(ତାରିଖ– ୧୭)

## କହିବା କମ୍, କରିବା ବେଶୀ

''ମୋର କଥା କେହି ଶୁଣୁ ନାହିଁ, କହି କହି ଥକି ଗଲେଣି, କିନ୍ତୁ କେହି ହେଲେ ଶୁଣୁ ନାହାନ୍ତି ଅର୍ଥାତ୍ ସେମାନଙ୍କ ଉପରେ କିଛି ପ୍ରଭାବ ପଡୁ ନାହିଁ''– ମୋ ମତରେ ଏଥିରେ ଶୁଣିବା ଲୋକଠାରୁ କହିବା ଲୋକର ଦୋଷ ଅଧିକ । କହିବା ଲୋକେ କରିବା ଜାଣନ୍ତି ନାହିଁ । ସେମାନେ ନିଜ ଆଡ଼କୁ ଦେଖନ୍ତୁ । ଆତ୍ମନିରୀକ୍ଷଣ କାର୍ଯ୍ୟର ଶୂନ୍ୟତା ଉପରେ ଟିକା ଟିପ୍ପଣୀ କରିବା । ବାଣୀର ସଫଳତା କର୍ମଶୀଳତାରେ ରହିଛି । ଆପଣ କିଛି ନ କହନ୍ତୁ କି ସ୍ୱଳ୍ପ କହନ୍ତୁ, କିନ୍ତୁ କାର୍ଯ୍ୟରେ ଲାଗି ରହନ୍ତୁ । ଆପଣ ଦେଖିବେ ଅଳ୍ପଦିନ ମଧ୍ୟରେ କିଛି ନ କହିଲେ ବି ଲୋକେ ଆପଣଙ୍କ ପ୍ରତି ଆକର୍ଷିତ ହୋଇ ଆସିବେ । ତେଣୁ କହନ୍ତୁ କମ୍, କରନ୍ତୁ ବେଶୀ । କାରଣ କହିବାର ପ୍ରଭାବ ତ କ୍ଷଣିକ, ମାତ୍ର କାର୍ଯ୍ୟର ପ୍ରଭାବ ସ୍ଥାୟୀ ହୋଇଥାଏ ।

(ତାରିଖ– ୧୮)

## ପୌରୁଷର ଆହ୍ୱାନ

ସାହସ ଆମକୁ ଆହ୍ୱାନ କରୁଛି । ସମୟ, ଯୁଗ, କର୍ତ୍ତବ୍ୟ, ଉତ୍ତରଦାୟିତ୍ୱ, ବିବେକ, ପୌରୁଷ ଆମକୁ ଡାକୁଛି । ଏହି ଆହ୍ୱାନକୁ ହେୟ ଜ୍ଞାନ କରି ହେବ ନାହିଁ । ଆତ୍ମନିର୍ମାଣ ପାଇଁ ନବନିର୍ମାଣ ସକାଶେ ଆମେ କଣ୍ଟକଭରା ପଥକୁ ସ୍ୱାଗତ କରିବା ଏବଂ ଅଗ୍ରସର ହେବା । ଲୋକେ କ'ଣ କହୁଛନ୍ତି ଓ କ'ଣ କରୁଛନ୍ତି, ଏହାର ଚିନ୍ତା କିଏ କରିବ ! ମାର୍ଗଦର୍ଶନ ନିମନ୍ତେ ନିଜର ଆତ୍ମା ହିଁ ପର୍ଯ୍ୟାପ୍ତ । ଲୋକେ ଅନ୍ଧକାରରେ ପଥଭ୍ରଷ୍ଟ ହେଉଛନ୍ତି, ହେଉଥା'ନ୍ତୁ । ଆମେ ନିଜ ବିବେକର ପ୍ରକାଶ ଅବଲମ୍ବନ କରି ସ୍ୱତଃ ଅଗ୍ରସର ହେବା । ବିରୋଧ କରୁଛି କିଏ ? ସମର୍ଥନ କରୁଛି କିଏ ? କିଏ ଏହାର ଗଣନା କରିବ ? ନିଜର ଅନ୍ତରାତ୍ମା, ନିଜର ସାହସ ନିଜ ସହିତ ରହିଛି ଏବଂ ତାହା କରିବା, ଯାହା ଜଣେ ସଚେତନ ବ୍ୟକ୍ତି ପାଇଁ ଉଚିତ ଓ ଉପଯୁକ୍ତ ।



(ତାରିଖ– ୧୯)

## ପୁରୁଷାର୍ଥର ଶକ୍ତି

ସୁଧାରବାଦୀ ତତ୍ତ୍ୱଗୁଡ଼ିକର ସ୍ଥିତି ଆହୁରି ଉପହାସାସ୍ପଦ । ଧର୍ମ, ଅଧ୍ୟାତ୍ମ, ସମାଜ ଓ ରାଜନୈତିକ କ୍ଷେତ୍ରରେ ସୁଧାର ଏବଂ ଉତ୍‌ଥାନ ପାଇଁ ଜୋର୍‌ସୋର୍‌ରେ ଉଦ୍‌ଘୋଷ ଦିଆଯାଉଛି । କିନ୍ତୁ ସେହି କ୍ଷେତ୍ରଗୁଡ଼ିକରେ ଯାହା ସବୁ କରାଯାଉଛି, ଯେଉଁ ଲୋକମାନେ କରୁଛନ୍ତି, ସେଥିରେ କହିବା ଓ କରିବା ମଧ୍ୟରେ ଆକାଶ ପାତାଳ ତଫାତ ରହିଛି । ଏପରି ଦଶାରେ ଉଜ୍ଜ୍ୱଳ ଭବିଷ୍ୟତର ଆଶା ଧୂମିଳ ହେବା ସ୍ୱାଭାବିକ ।

ଆମେମାନେ କ'ଣ ଏହିପରି ସମୟର ପ୍ରତୀକ୍ଷା କରି କରି ହାତରେ ହାତ ରଖି ବସିଯିବା । ନିଜକୁ ଅସହାୟ, ଅସମର୍ଥ ଅନୁଭବ କରିବା ଏବଂ ପରିସ୍ଥିତିର ପରିବର୍ତ୍ତନ ପାଇଁ ଅନ୍ୟ ଉପରେ ଆଶା ବାନ୍ଧି ବସିଥିବା । ମାନବୀୟ ପୁରୁଷାର୍ଥ କହେ, ଏପରି ହେବା ଅନୁଚିତ ।

(ତାରିଖ- ୨୦)

## ବିଭ୍ରାନ୍ତ ହୁଅ ନାହିଁ

ଲୋଭର ତୀବ୍ରତା, ମୋହର ଉତ୍କଟତା, ପ୍ରସିଦ୍ଧିର ଲିପ୍ସା, ଯଶର ତୀବ୍ରତା, ଚାପର ଝଟିକା ଏପରି ଅଟନ୍ତି, ଯାହା ମନୁଷ୍ୟଙ୍କୁ ଦୀର୍ଘ ପଥ ଚାଲିବା ପାଇଁ ବାଧ କରିଥାନ୍ତି ଏବଂ କେଉଁଠାରୁ କେଉଁଠିକୁ ଘୋଷାରି ଘୋଷାରି ନେଇଯାଆନ୍ତି । ମୋତେ ମଧ ଘୋଷାରି ନେଇଥାନ୍ତା । ଏହା ସାଧାରଣ ଲୋକଙ୍କୁ ଘୋଷାରି ନେଇଯାଏ । ସିଦ୍ଧାନ୍ତବାଦ ପଥରେ ଚାଲିଥିବା ଅନେକ ବ୍ୟକ୍ତି ଏହି କାରଣରୁ ବାଟବଣା ହୋଇ କେଉଁଠାରୁ କେଉଁଠିକି ଯାଇ ପହଞ୍ଚି ଯାଇଛନ୍ତି ।

ତୁମେ ଭ୍ରମରେ ପଡ଼ ନାହିଁ । ତୁମର ଯଦି କେବେ ଭ୍ରମ ଜାତ ହୁଏ, ତେବେ ତୁମେ ନିଜର ସେହିଦିନକୁ, ସେହି ସମୟର ମନଃସ୍ଥିତିକୁ ମନେପକାଅ, ଯେଉଁଦିନ ତୁମ ଭିତରେ ଶ୍ରଦ୍ଧାର ଏକ ଅଙ୍କୁର ଜାତ ହୋଇଥିଲା । ପରିଶ୍ରମ ପ୍ରତି ଆମ ଭିତରେ ଯେଉଁ ଉତ୍ସାହ ତରଙ୍ଗ ରହିବା କଥା ସେଥିରେ କିଛି ଊଣା ହୋଇ ନାହିଁ ତ, ଏହି କଥାକୁ ସଦାବେଳେ ମନେ ରଖିଥିବା ।



(ତାରିଖ- ୨୧)

## ଶ୍ରମ ଓ ନିଷ୍ଠାର ମହତ୍ତ୍ୱ

ମନୁଷ୍ୟ ମଧରେ ନିଷ୍ଠା ଥିଲେ, ତାହା ଶହେ ଗୁଣ କାମ କରାଇ ଦିଏ । ଏତେ କାମ କରାଇ ଦିଏ ଯେ ଆମ କାମକୁ ଦେଖିଲେ, ତୁମେ ଆଶ୍ଚର୍ଯ୍ୟ ହେବ । ଏତେ ସାହିତ୍ୟ ଲେଖିବାଠାରୁ ଏତେ ବଡ଼ ସଂଗଠନ ଠିଆ କରାଇବା ପର୍ଯ୍ୟନ୍ତ ଏବଂ ଏତେ ବଡ଼ କ୍ରାନ୍ତି କରିବାଠାରୁ ଏତେ ସଂଖ୍ୟକ ଆଶ୍ରମ ନିର୍ମାଣ କରାଇବା ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ ଆରମ୍ଭ କରାଯାଇଛି ସେସବୁ କିପରି ହେଲା ? ଏହା ହେଉଛି ଶ୍ରମ ଓ ନିଷ୍ଠା ।

ଯଦି ମୁଁ ଶ୍ରମପ୍ରତି ବିମୁଖ ହୋଇଥାନ୍ତି, ତେବେ ନୀଚ ସ୍ତରରେ ରହିଯାଇଥାନ୍ତି ଏବଂ ମୋ ପାଇଁ ପେଟପୋଷିବା କଷ୍ଟକର ହୋଇପଡ଼ନ୍ତା । ଚୋରି, ଠକେଇ, ଚାଲାକି କରି କେଉଁଠୁ କିଛି ମିଳିଲେ ପେଟ ଭରିବା, ପୋଷାକ ପିନ୍ଧିବା ପାଇଁ ଓ ସଉକ ପୂରଣ ପାଇଁ ଟଙ୍କା ଯୋଗାଡ଼ କରିବାରେ ଲାଗିଥାନ୍ତି, କିନ୍ତୁ ମୋର ଏହି ବିରାଟ କାର୍ଯ୍ୟ ସମ୍ଭବ ହୋଇପାରି ନଥାନ୍ତା ।

(ତାରିଖ- ୨୨)

## ଚିନ୍ତନ ଓ ଚରିତ୍ରର ସମନ୍ୱୟ

ନିଜର ଦୋଷ ଅନ୍ୟ ଉପରେ ଲଦିଦେଲେ କିଛି ଲାଭ ହେବ ନାହିଁ । ଆମର ଶାରୀରିକ ଓ ମାନସିକ ଦୁର୍ବଳତା ପାଇଁ ଅନ୍ୟମାନେ ନୁହଁନ୍ତି, ବରଂ ଆମେ ସ୍ୱୟଂ ଉତ୍ତରଦାୟୀ । ଅନ୍ୟ ବ୍ୟକ୍ତି, ପରିସ୍ଥିତି ଏବଂ ପ୍ରାରବ୍ଧ ଭୋଗ କରିବାର ପ୍ରଭାବ ବି ରହିଛି । କିନ୍ତୁ ତିନି ଚତୁର୍ଥାଂଶ ଜୀବନ ଆମର ଆଜିର ଦୃଷ୍ଟିକୋଣ ଓ କର୍ତ୍ତବ୍ୟର ପ୍ରତିଫଳ ମାତ୍ର । ନିଜ ହାତରେ ଆମେ ନିଜକୁ ସୁଧାରିବାର କାମ ଗ୍ରହଣ କରି ଆମର ଶାରୀରିକ ଓ ମାନସିକ ସମସ୍ୟାର ସମାଧାନ ସହଜରେ କରିପାରିବା ।

ଯେଉଁମାନେ ବେଶୀ ବକ୍‌ବକ୍ କରନ୍ତି, କିନ୍ତୁ ନିଜକୁ ସେହି ଛାଞ୍ଚରେ ଢାଳି ପାରନ୍ତି ନାହିଁ, ସେମାନଙ୍କର କୌଣସି ପ୍ରଭାବ ପଡ଼େ ନାହିଁ । ଯେଉଁମାନେ ନିଜ ଜୀବନ କ୍ରମରେ ଚିନ୍ତନ ଚରିତ୍ରର ସମନ୍ୱୟ କରିପାରିଛନ୍ତି, ସେମାନଙ୍କ ସେବା ସାଧନା ସର୍ବଦା ଫଳିତ ପୁଷ୍ପିତ ହୋଇଥାଏ ।



(ତାରିଖ- ୨୩)

## ଆତ୍ମଶକ୍ତି ଉପରେ ବିଶ୍ୱାସ ରଖ

କ’ଣ କରିବି, ପରିସ୍ଥିତି ମୋର ଅନୁକୂଳ ନୁହେଁ, କେହି ମୋତେ ସହାୟତା କରୁନାହାନ୍ତି, କୌଣସି ସୁଯୋଗ ମିଳୁନାହିଁ ଆଦି ଅଭିଯୋଗ ନିରର୍ଥକ । ନିଜ ଦୋଷକୁ ଅନ୍ୟ ଉପରେ ଲଦିଦେବା ପାଇଁ ଏହି ପ୍ରକାର ମନବୁଝା କଥା କୁହାଯାଏ । ଲୋକେ କେତେବେଳେ ପ୍ରାରବ୍ଧକୁ ମାନନ୍ତି, କେତେବେଳେ ଦେବୀ ଦେବତାଙ୍କ ସମ୍ମୁଖରେ କେତେ ଯେ ନେହୁରା ହୁଅନ୍ତି, ଏ ସବୁର କାରଣ ହେଲା ନିଜ ଉପରେ ବିଶ୍ୱାସ ନ କରିବା ।

ଅନ୍ୟକୁ ସୁଖୀ ଦେଖି ଆମେ ପରମାତ୍ମାଙ୍କ ନ୍ୟାୟ ପ୍ରତି ଆଙ୍ଗୁଠି ଉଠାଇ ଥାଉ । କିନ୍ତୁ ଯେଉଁ ପରିଶ୍ରମ ଦ୍ୱାରା ଏହି ସୁଖୀ ଲୋକମାନେ ନିଜର କାର୍ଯ୍ୟ ପୂରଣ କଲେ, ତାହା କ’ଣ ଆମ ଭିତରେ ଅଛି । ଈଶ୍ୱର କାହାରି ସହିତ ପକ୍ଷପାତ କରନ୍ତି ନାହିଁ । ସେ ସମସ୍ତଙ୍କୁ ସେହି ଆତ୍ମଶକ୍ତି ମୁକ୍ତ ହସ୍ତରେ ପ୍ରଦାନ କରିଛନ୍ତି, ଯାହାର ଆଧାରରେ ଉନ୍ନତି କରାଯାଇପାରେ ।

(ତାରିଖ– ୨୪)

## ଆତ୍ମବିଶ୍ୱାସ ଜାଗ୍ରତ କର

ଯେତେବେଳେ ନିରାଶା ଓ ଅସଫଳତା ତୁମକୁ ବେଷ୍ଟନ କରି ରହିଥିବାର ଦେଖିବ, ଜାଣିବ ତୁମର ଚିତ୍ତ ସ୍ଥିର ନାହିଁ, ତୁମେ ନିଜ ଉପରେ ବିଶ୍ୱାସ କରୁନାହିଁ ।

ପୁରୁଣା କୁତ୍ସିତ ବିଚାର ପରିତ୍ୟାଗ ନ କରିବା ପର୍ଯ୍ୟନ୍ତ ତୁମେ ବର୍ତ୍ତମାନ ସ୍ଥିତିରୁ ମୁକୁଳି ପାରିବ ନାହିଁ । ତୁମ ଚାରିପାଖରେ ଅନୁକୂଳ ଅବସ୍ଥା ନିର୍ମିତ ହୋଇଛି । ଏହା ଉପରେ ବିଶ୍ୱାସ ନ କରିବା ପର୍ଯ୍ୟନ୍ତ ତୁମ ପାଦ ଉନ୍ନତି ଦିଗରେ ଅଗ୍ରସର ହେବ ନାହିଁ । ଯଦି ଆଗକୁ ନ ସୁଧୁରିବ, ତେବେ ହୁଏତ ଦିବ୍ୟତେଜଃ ଯେ କୌଣସି ଦିନ ବିଲକୁଲ୍ କ୍ଷୀଣ ହୋଇଯିବ । ତୁମେ ବର୍ତ୍ତମାନର ଅପ୍ରିୟ ଅବସ୍ଥାରୁ ମୁକୁଳିବାକୁ ହେଲେ ନିଜର ମାନସିକ ଦୁର୍ବଳତାକୁ ଦୂରେଇ ଦିଅ । ନିଜ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କର ।



(ତାରିଖ– ୨୫)

## ତୁମେ ତୁମର ମିତ୍ର ଓ ଶତ୍ରୁ ମଧ୍ୟ

ବାରମ୍ବାର ଅସଫଳତା ମିଳୁଛି ବୋଲି ଶୋକ କର ନାହିଁ । ପରବାୟ କର ନାହିଁ, କାରଣ ସମୟ ଅନନ୍ତ, ବାରମ୍ବାର ପ୍ରଯତ୍ନ କର ଏବଂ ପାଦ ଆଗକୁ ବଢ଼ାଅ । ନିରନ୍ତର କର୍ତ୍ତବ୍ୟ କରିଚାଲ, ଆଜି ନ ହେଲେ ବି କାଲି ତୁମେ ସଫଳ ହେବ ।

ସହାୟତା ପାଇଁ ଅନ୍ୟ ଆଗରେ ନେହୁରା ହୁଅ ନାହିଁ । କାରଣ ପ୍ରକୃତରେ କାହାରି ଏତେ ଶକ୍ତି ନାହିଁ, ଯିଏ ତୁମର ସହାୟତା କରିପାରିବ । କୌଣସି କଷ୍ଟ ପାଇଁ କାହା ଉପରେ ଦୋଷାରୋପଣ କର ନାହିଁ, କାରଣ ପ୍ରକୃତରେ କେହି ତୁମକୁ ଦୁଃଖ ଦେଇପାରିବେ ନାହିଁ । ତୁମେ ସ୍ୱୟଂ ନିଜର ମିତ୍ର ଓ ସ୍ୱୟଂ ନିଜର ଶତ୍ରୁ । ତୁମ ସମ୍ମୁଖରେ ଭଲ–ମନ୍ଦ ସ୍ଥିତି ଯାହା ବି ରହିଛି, ସେ ସବୁ ତୁମଦ୍ୱାରା ହିଁ ସୃଷ୍ଟ । ନିଜର ଦୃଷ୍ଟିକୋଣ ବଦଳାଇ ଦେଲେ ଏହି ଭୟର ଭୂତ ଅନ୍ତରୀକ୍ଷରେ ତିରୋହିତ ହୋଇଯିବ ।

(ତାରିଖ– ୨୬)

## ଖେଳୁଆଡ଼ ଭାବନା ଜାଗ୍ରତ କର

ତୁମ ବିଷୟରେ, ତୁମ ଯୋଜନା ବିଷୟରେ, ତୁମ ଉଦ୍ଦେଶ୍ୟ ସମ୍ପର୍କରେ ଅନ୍ୟ ଲୋକେ ଯାହା କିଛି ବିଚାର କରୁଛନ୍ତି, ତା' ଉପରେ ଅଧିକ ଧ୍ୟାନ ଦେବା ଅନାବଶ୍ୟକ । ସେମାନେ ଯଦି ତୁମକୁ କଳ୍ପନା ପଛରେ ଦୌଡୁଥିବା ଉନ୍ମୁକ୍ତ ଅଥବା ସ୍ୱପ୍ନ ଦେଖାଳୀ ବୋଲି କହନ୍ତି, ତେବେ ଏହାକୁ ପରବାୟ କର ନାହିଁ । ତୁମେ ନିଜର ବ୍ୟକ୍ତିତ୍ୱ ଉପରେ ଶ୍ରଦ୍ଧା କାଏମ ରଖ । କେହି କିଛି କହିଦେଲେ, କୌଣସି ବିପଦ ଆସିଲେ ଆତ୍ମବିଶ୍ୱାସ ଦୁର୍ବଳ କର ନାହିଁ । ଆତ୍ମଶ୍ରଦ୍ଧା ଜାଗ୍ରତ ରଖି ଆଗକୁ ବଢ଼ି ଚାଲିଲେ ଶୀଘ୍ର ହେଉ କିମ୍ବା ବିଳମ୍ବରେ ସଂସାର ତୁମକୁ ରାସ୍ତା ଦେଖାଇବ ।

ଆଗକୁ ମଧ୍ୟ ପ୍ରଗତିର ପ୍ରୟାସ ଜାରିରଖିବା ଉଚିତ । କିନ୍ତୁ ସବୁ କିଛି ଖେଳୁଆଡ଼ ଭାବନାରେ କରାଯିବା ବାଞ୍ଛନୀୟ ।



(ତାରିଖ– ୨୭)

## ସନ୍ତୋଷଭରା ଜୀବନଯାପନ କରିବା

ସଂସାର ଚକ୍ରର ପରିବର୍ତ୍ତନଶୀଳ କ୍ରମ ଅନୁରୂପ ନିଜର ମନଃସ୍ଥିତିକୁ ପ୍ରସ୍ତୁତ କରି ରଖିବାରେ ହିଁ ବୁଦ୍ଧିମତ୍ତା ଓ ବିଚାରଶୀଳତା ନିହିତ । ଲାଭ, ସୁଖ, ସଫଳତା, ପ୍ରଗତି, ବୈଭବ ଆଦି ପ୍ରାପ୍ତ ହେଲେ ଅହଂକାର ପ୍ରଦର୍ଶନ କରିବା ଅନୁଚିତ । କାରଣ ସେପରି ସ୍ଥିତି କେତେ ସମୟ ପର୍ଯ୍ୟନ୍ତ ରହିବ, ତାହା କହି ହେବ ନାହିଁ । ଏପରି ଅବସ୍ଥାରେ କାନ୍ଦିବା, ବିରକ୍ତ ହେବା, ନିରାଶ ହେବାରେ ଶକ୍ତି ନଷ୍ଟ କରିବା ବୃଥା । ପରିବର୍ତ୍ତନ ଅନୁରୂପ ନିଜକୁ ଗଢ଼ିବାରେ, ବିପନ୍ନତା ସୁଧାରିବା ପାଇଁ ଚିନ୍ତା କରିବାରେ, ସମାଧାନ କରିବା ଏବଂ ତାଳମେଳ ରଖିବାରେ ଯଦି ମସ୍ତିଷ୍କକୁ ନିୟୋଜନ କରାଯାଇପାରେ, ତେବେ ଏହି ପ୍ରଯତ୍ନ ଦୁଃଖ ଓ ପଶ୍ଚାତ୍ତାପ ଅପେକ୍ଷା ଅଧିକ ଶ୍ରେୟସ୍କର ହେବ ।

ଯାହା ଉପଲବ୍ଧ ସେଥିରୁ ଆନନ୍ଦ ଗ୍ରହଣ କରିବା ଉଚିତ ଏବଂ ସନ୍ତୋଷଭରା ସନ୍ତୁଳନ ରକ୍ଷା କରାଯିବା ଉଚିତ । ଏହା ବୁଦ୍ଧିମାନର କାର୍ଯ୍ୟ ଅଟେ ।

(ତାରିଖ– ୨୮)

## ବିଚାର ଓ କାର୍ଯ୍ୟକୁ ସନ୍ତୁଳନ କର

ଏକା ସଂଗରେ ବହୁତଗୁଡ଼ିଏ କାର୍ଯ୍ୟ ସଂପନ୍ନ କରିବାର ଇଚ୍ଛା ରଖିବା ଦ୍ୱାରା ମନୋଯୋଗ ପୂର୍ବକ କୌଣସି କାର୍ଯ୍ୟ ସମ୍ପନ୍ନ ହୋଇପାରେ ନାହିଁ । ଗୋଟିଏ କାର୍ଯ୍ୟକୁ ଅଧାରେ ଛାଡ଼ି ମନ ଅନ୍ୟ କାର୍ଯ୍ୟ ଆଡ଼କୁ ଦୌଡ଼ିଥାଏ । ଏହିଠାରୁ ଶ୍ରମ, ସମୟ ନଷ୍ଟ ହେବା ଆରମ୍ଭ ହୋଇଥାଏ ତଥା ମନ ଭିତରେ ବିରକ୍ତି ଭାବ ଉତ୍ପନ୍ନ ହୋଇଥାଏ । ବିଚାର ଓ କାର୍ଯ୍ୟ ସୀମିତ ଏବଂ ସନ୍ତୁଳନ କରି ଦେବା ଦ୍ୱାରା ଶ୍ରମ ଓ ଶକ୍ତିର ଅପବ୍ୟୟ ହୁଏ ନାହିଁ ତଥା ବ୍ୟକ୍ତି ସଫଳତାର ପାହାଚ ଚଢ଼ି ଅଗ୍ରସର ହୋଇଥାଏ ।

କୌଣସି କାର୍ଯ୍ୟ କରିବା ସମୟରେ ନିଜ ମନକୁ ଉଚ୍ଚଭାବ ଓ ସଂସ୍କାରଦ୍ୱାରା ଓତପ୍ରୋତ ରଖିବା ହିଁ ସାଂସାରିକ ଜୀବନରେ ସଫଳତାର ମୂଳମନ୍ତ୍ର । ଆମେ ଯେଉଁଠି ରହୁଛେ, ତାକୁ ବଦଳାଇ ପାରିବା ନାହିଁ, କିନ୍ତୁ ନିଜେ ନିଜକୁ ପରିବର୍ତ୍ତନ କରି ପ୍ରତ୍ୟେକ ସ୍ଥିତିରେ ଆନନ୍ଦ ଲାଭ କରିପାରିବା ।



(ତାରିଖ– ୨୯)

## ପରାଶ୍ରିତ ହୁଅ ନାହିଁ

ସମସ୍ତେ ଆମର ହେବେ, ଆମ କଥା ଅନୁଯାୟୀ ଚାଲିବେ ଏପରି ଆଶା ରଖିବା, ମାନସିକ ଉତ୍ତେଜନା ତଥା ନିରର୍ଥକ ଦ୍ୱନ୍ଦ୍ୱ ମଧ୍ୟରେ ପଡ଼ି ରହିବାର ମୁଖ୍ୟ କାରଣ । ଏଥିରୁ ମୁକ୍ତି ପାଇବାକୁ ହେଲେ ଆମେ ଚୁପ୍‌ଚାପ୍ ଶାନ୍ତିପୂର୍ବକ ନିଜର କାର୍ଯ୍ୟ କରି ଚାଲିବା ଏବଂ ଲୋକଙ୍କୁ ସେମାନଙ୍କ ହିସାବରେ ଚାଲିବା ପାଇଁ ଛାଡ଼ିଦେବା ଉଚିତ । କୌଣସି ବ୍ୟକ୍ତି ଉପରେ ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କର ନାହିଁ । ସମସ୍ତଙ୍କୁ ଖୁସି କରିବାକୁ ଯାଇ ନିଜର ଅମୂଲ୍ୟ ସମୟ ଓ ଶକ୍ତିର ଅପବ୍ୟୟ କର ନାହିଁ ।

(ତାରିଖ– ୩୦)

## ଧର୍ମର ସାରତତ୍ତ୍ୱ

ଅସ୍ତବ୍ୟସ୍ତ ଜୀବନଯାପନ କରିବା, ତରବର ହେବା, ଦିନରାତି ବ୍ୟସ୍ତ ରହିବା, ପ୍ରତି କ୍ଷଣ କାମ ଧନ୍ଦାରେ ବାନ୍ଧି ହୋଇ ରହିବା ଦ୍ୱାରା ମନଃକ୍ଷେତ୍ରରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥାଏ । ତେଣୁ ଏଠାରେ ନିଜର ଜୀବନ ବିଧିକୁ, ଦୈନିକ ଜୀବନକୁ ବିବେକପୂର୍ଣ୍ଣ କରି ଚାଲିବା ଆବଶ୍ୟକ । ସଙ୍କୋଚତା, ସଂଯମଶୀଳତା, ସଜ୍ଜନତା, ନିୟମିତତା, ସୁବ୍ୟବସ୍ଥା ଭରା ସାଦା ସରଳ ଜୀବନ ବିତାଇବା ଦ୍ୱାରା ମନଃକ୍ଷେତ୍ରର ସଦୁପଯୋଗ ହୋଇଥାଏ ଏବଂ ଈଶ୍ୱର ପ୍ରଦତ୍ତ କ୍ଷମତାର ସମୁଚିତ ଲାଭ ପାଇବାର ସୁଯୋଗ ପ୍ରାପ୍ତ ହୋଇଥାଏ ।

କର୍ତ୍ତବ୍ୟ ପାଳନର ଆନନ୍ଦକୁ ଲୁଟ ଏବଂ ବିଘ୍ନଗୁଡ଼ିକ ସହିତ ନିର୍ଭୟରେ ଯୁଦ୍ଧ କର । ଏହା ହିଁ ଧର୍ମର ସାରତତ୍ତ୍ୱ ।



(ତାରିଖ– ୩୧)

## ଆତ୍ମବିଶ୍ୱାସ ଓ ଅବିରଳ ଅଧ୍ୟବସାୟ

ସଂସାରର ସମସ୍ତ ମହାପୁରୁଷ ପ୍ରାରମ୍ଭରୁ ସାଧାରଣ ଶ୍ରେଣୀର ଯୋଗ୍ୟତା ଓ କ୍ଷମତା ସଂପନ୍ନ ବ୍ୟକ୍ତି ଥିଲେ । ସାଧାରଣ ହୋଇ ମଧ୍ୟ ସେମାନେ ନିଜ ପ୍ରତି ହୀନ ଦୃଷ୍ଟିକୋଣ ପୋଷଣ କରି ନ ଥିଲେ କିମ୍ବା ନିରାଶାକୁ ପ୍ରଶୟ ଦେଇ ନ ଥିଲେ । ଆତ୍ମବିଶ୍ୱାସ ଓ ଅବିରଳ ଅଧ୍ୟବସାୟ ବଳରେ ସେମାନେ ଆଗକୁ ପାଦ ବଢ଼ାଇ ଚାଲିଲେ । ପ୍ରତିକୂଳ ପରିସ୍ଥିତିରେ ବି ଲକ୍ଷ୍ୟ ପଥରୁ ବିଚଳିତ ହେଲେ ନାହିଁ । ନଗଣ୍ୟ ସାଧନ ଓ ସ୍ୱଳ୍ପ ଯୋଗ୍ୟତା ଥାଇ ମଧ୍ୟ ଦେଶ, ଧର୍ମ, ସମାଜ ଓ ମାନବତାର ସେବାରେ ନିଜ ଜୀବନକୁ ଆହୁତି ରୂପେ ସମର୍ପଣ କରି ସମାଜ ସମ୍ମୁଖରେ ଉଦାହରଣ ପ୍ରସ୍ତୁତ କରିଗଲେ ଏବଂ କୋଟି କୋଟି ଜନତାକୁ ମାର୍ଗଦର୍ଶନ ପ୍ରଦାନ କରିଗଲେ ।

---

ପ୍ରାପ୍ତିସ୍ଥାନ

ଯୁଗଶକ୍ତି ଗାୟତ୍ରୀ ଭବନ

ପ୍ଲଟ. ନଂ– ୬୯, ନୂଆସାହି, ରସୁଲଗଡ଼

ଭୁବନେଶ୍ୱର– ୧୦

ଷଷ୍ଠ ସଂସ୍କରଣ– ୨୦୧୫

**ମୂଲ୍ୟ– ଟ. ୭.୦୦** (Rs. 7.00)

## ଆତ୍ମୀୟ ଅନୁରୋଧ

ଏହି ପୁସ୍ତିକାଟିକୁ ଅଧିକାଧିକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇ ସେମାନଙ୍କୁ ପଢ଼ାଇବାର ଚେଷ୍ଟା କରନ୍ତୁ । ଏହାକୁ ନବବର୍ଷ, ଦୀପାବଳୀ ହୋଲି ଆଦି ପର୍ବ ତଥା ବିବାହ, ଜନ୍ମଦିନ ଆଦି ମାଙ୍ଗଳିକ ଉତ୍ସବ ଅବସରରେ ଉପହାର ରୂପେ ଦେବା ପାଇଁ ଅଧିକ ସଂଖ୍ୟାରେ ମଗାଇ ନିଜ ପାଖରେ ରଖନ୍ତୁ । ଅନ୍ୟ ମହଙ୍ଗା ଓ ନିରର୍ଥକ ଉପହାର ତୁଳନାରେ ଏହି ଶସ୍ତା କ୍ଷୁଦ୍ର ଉପହାରଟି ଲକ୍ଷେ ଗୁଣ ମହତ୍ତ୍ୱପୂର୍ଣ୍ଣ ଏବଂ ପ୍ରେରଣାପ୍ରଦ ସିଦ୍ଧ ହେବ ।

ଆପଣଙ୍କ ବନ୍ଧୁବାନ୍ଧବ ଓ ସମ୍ପର୍କ କ୍ଷେତ୍ରରେ ସମସ୍ତ ବ୍ୟକ୍ତିଙ୍କୁ ମଧ୍ୟ ଅଧିକାଧିକ ସଂଖ୍ୟାରେ ଏହି ପୁସ୍ତକଟିକୁ ମଗାଇବା ପାଇଁ ପ୍ରୋତ୍ସାହିତ କରନ୍ତୁ ।



ପରମପୂଜ୍ୟ ଗୁରୁଦେବଙ୍କ ସାହିତ୍ୟ ପ୍ରଥମେ ମିଳିଥିଲେ, ମୁଁ ରାଜନୀତି କ୍ଷେତ୍ରକୁ ନ ଯାଇ ତାଙ୍କଠାରୁ ଆଧ୍ୟାତ୍ମିକ ଶିକ୍ଷଣ ଲାଭ କରିଥାନ୍ତି ।

–ଡା. ସର୍ବପଲ୍ଲୀ ରାଧାକୃଷ୍ଣନ,

ପୂର୍ବତନ ରାଷ୍ଟ୍ରପତି

ମୁଁ ଆଚାର୍ଯ୍ୟ ଶ୍ରୀରାମ ଶର୍ମାଜୀଙ୍କୁ ପ୍ରଖର ପ୍ରତିଭା, ଦୃଢ଼ ଇଚ୍ଛାଶକ୍ତି ଏବଂ ପ୍ରଚଣ୍ଡ ଆତ୍ମବିଶ୍ୱାସ ସମ୍ପନ୍ନ ବିଶିଷ୍ଟ ଅଧ୍ୟାତ୍ମବାଦୀ ଚିନ୍ତକ ରୂପେ ମାନୁଛି । ଭବିଷ୍ୟତ ପିଢ଼ି ତାଙ୍କୁ ଯୁଗ ଯୁଗ ଧରି କୃତଜ୍ଞତା ପୂର୍ବକ ସ୍ମରଣ କରିବ ।

–ଡା. ଶଙ୍କର ଦୟାଲ ଶର୍ମା,

ପୂର୍ବତନ ରାଷ୍ଟ୍ରପତ

ମୂଲ୍ୟ– ୭.୦୦

# ସାହସ ହରାନ୍ତୁ ନାହିଁ

ଲେଖକ
ପ. ଶ୍ରୀରାମ ଶର୍ମା ଆଚାର୍ଯ୍ୟ

ପ୍ରକାଶକ
ଶ୍ରୀ ବେଦମାତା ଗାୟତ୍ରୀ ଟ୍ରଷ୍ଟ
ଶାନ୍ତିକୁଂଜ, ହରିଦ୍ୱାର

ପ୍ରାପ୍ତିସ୍ଥାନ
ଯୁଗଶକ୍ତି ଗାୟତ୍ରୀ ଭବନ
ପ୍ଲଟ. ନଂ- ୬୯, ନୂଆସାହି, ରସୁଲଗଡ଼
ଭୁବନେଶ୍ୱର- ୧୦, ଫୋନ- ୨୫୮୫୭୩୪

ଷଷ୍ଠ ସଂସ୍କରଣ- ୨୦୧୫

ମୂଲ୍ୟ- ଟ. ୭.୦୦ (Rs. 7.00)